# NATIONAL NEWS BULLETIN (ODIA)
## 21 October - 2024
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ବେସାମରିକ ବିମାନ ଚଳାଚଳ କ୍ଷେତ୍ରର ସଫଳ ରୂପାନ୍ତରିକରଣ ଦିଗରେ ଉଡ଼ାନ୍ ଯୋଜନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ପଞ୍ଚମ ଜାତୀୟ ଜଳ ପୁରସ୍କାର ୨୦୨୩ ଆସନ୍ତାକାଲି ନୂଆଦିଲ୍ଲୀରେ ପ୍ରଦାନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ଆସନ୍ତାକାଲି ଠାରୁ ଦୁଇ ଦିନିଆ ରୁଷ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ପୂର୍ବ ଲଦାଖର ବାସ୍ତବ ନିୟନ୍ତ୍ରଣ ରେଖା ନିକଟରେ ପାଟ୍ରୋଲିଂ ବ୍ୟବସ୍ଥା ପ୍ରସଙ୍ଗରେ ଭାରତ ଓ ଚୀନ୍ ମଧ୍ୟରେ ସ୍ୱାକ୍ଷରିତ ହେଲା ରାଜିନାମା ।

ଏବଂ

- ଭୀଷଣ ସାମୁଦ୍ରିକ ଝଡ଼ **ଦାନା** ଆସନ୍ତା ୨୪ ତାରିଖ ରାତି କିମ୍ବା ୨୫ ତାରିଖ ସକାଳେ ପୁରୀ ଓ ସାଗରଦ୍ୱିପ ମଧ୍ୟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ।

# ପ୍ରଧାନମନ୍ତ୍ରୀ-ଉଡ଼ାନ୍

ସରକାରଙ୍କ ଉଡ଼ାନ୍ ଯୋଜନା ବେସାମରିକ ବିମାନ ଚଳାଚଳ କ୍ଷେତ୍ରକୁ ସଫଳତାର ସହ ରୂପାନ୍ତରିକରଣ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ବାୟୁ ପଥରେ ଦେଶର ବିଭିନ୍ନ ସ୍ଥାନକୁ ସଂଯୋଗ କରିବା ଦିଗରେ ଆରମ୍ଭ କରାଯାଇଥିବା ଏହି ଉଡ଼ାନ୍ ଯୋଜନାର ଆଜି ଅଷ୍ଟମ ବର୍ଷ ପୂର୍ତ୍ତି ଅବସରରେ ସାମାଜିକ ଗଣମାଧମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ଏହି ଯୋଜନା କୋଟି କୋଟି ଲୋକଙ୍କୁ ବିମାନରେ ଯାତ୍ରା କରିବା ଦିଗରେ ସହାୟକ ହୋଇଛି । ଏଥିସହ ଦେଶରେ ବିମାନ ବନ୍ଦର ଏବଂ ବିମାନପଥର ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇ ପାରିଛି । ସେହିଭଳି ଆଞ୍ଚଳିକ ଅଭିବୃଦ୍ଧିକୁ ସଶକ୍ତ କରିବା ସହିତ ବାଣିଜ୍ୟ ଓ ବ୍ୟବସାୟକୁ ପ୍ରୋତ୍ସାହନ ଦେବା ଦିଗରେ ମଧ୍ୟ ଏହି ଯୋଜନା ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି । ଆଗାମୀ ଦିନରେ ସରକାର ଏକ ଉତ୍ତମ ସଂଯୋଗୀକରଣ ସହିତ ବିମାନ ଯାତ୍ରୀଙ୍କ ନିରାପତ୍ତା ଓ ସ୍ୱଚ୍ଛନ୍ଦ ଉପରେ ଗୁରୁତ୍ୱ ଦେଇ ବେସାମରିକ ବିମାନ ଚଳାଚଳ କ୍ଷେତ୍ରକୁ ଅଧିକ ସଶକ୍ତ କରିବାର ପ୍ରୟାସ ଜାରି ରଖିବେ ବୋଲି ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି ।

ଏହି ଅବସରରେ ନୂଆଦିଲ୍ଲୀ ଠାରେ ଆୟୋଜିତ ମୁଖ୍ୟ ସମାରୋହରେ ଯୋଗଦେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ

ରାମମୋହନ ନାଇଡୁ କିଞ୍ଜାରାପୁ କହିଛନ୍ତି,  ଉଡ଼ାନ ଯୋଜନା ମାଧ୍ୟମରେ ଦେଶରେ ଅଭିବୃଦ୍ଧି ସମ୍ଭବ ହେବା ସହ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିଛି । ଏହା ମାଧ୍ୟମରେ ଦେଶ ବ୍ୟାପି ଦୁର୍ଗମ ଅଞ୍ଚଳରେ ବିମାନ ବନ୍ଦର ସ୍ଥାପନ କରିବା ସହିତ ସେଠାକୁ ବିମାନ ଯାତ୍ରା ସମ୍ଭବ ହୋଇପାରିଛି ।

## ରାଷ୍ଟ୍ରପତି-ଜାତୀୟ ଜଳ-ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ପଞ୍ଚମ ଜାତୀୟ ଜଳ-ପୁରସ୍କାର ୨୦୨୩ ପ୍ରଦାନ କରିବେ । ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏଥିଲାଗି ୯ଟି ବର୍ଗରେ ୩୮ ଜଣ ବିଜେତାଙ୍କ ନାମ ଘୋଷଣା କରାଯାଇଛି । ସେଥିମଧ୍ୟରେ ସର୍ବଶ୍ରେଷ୍ଠ ରାଜ୍ୟ, ଜିଲ୍ଲା, ଗ୍ରାମପଞ୍ଚାୟତ, ସହରାଞ୍ଚଳ ପୌରପରିଷଦ ଓ ସର୍ବଶ୍ରେଷ୍ଠ ଜଳ ବ୍ୟବହାରକାରୀ ସଂଘ ଆଦି ଅନ୍ତର୍ଭୁକ୍ତ । ସର୍ବଶ୍ରେଷ୍ଠ ରାଜ୍ୟ ବର୍ଗରେ ଓଡ଼ିଶା ପ୍ରଥମ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଉତ୍ତରପ୍ରଦେଶ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନଟି ଗୁଜରାଟ ଓ ପୁଡୁଚେରୀ ଯୁଗ୍ମ ଭାବେ ହାସଲ କରିଛନ୍ତି । ଏହି ବିଜେତାମାନଙ୍କୁ ଟ୍ରଫି, ନଗଦ ଅର୍ଥ ଏବଂ ମାନପତ୍ର ପ୍ରଦାନ କରାଯିବ ।

ମନ୍ତ୍ରଣାଳୟ କହିଛି, ଜାତୀୟ ସ୍ତରରେ ଜଳ ପରିଚାଳନା ଓ ସଂରକ୍ଷଣ ଦିଗରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସରକାର ଏକ ସମନ୍ୱିତ ଅଭିଯାନ ଆରମ୍ଭ କରିଛନ୍ତି । ଏକ ଜଳ ସମୃଦ୍ଧ ଭାରତ ବିଜନ ହାସଲ କରିବା ଦିଗରେ ଦେଶ ବ୍ୟାପି ପ୍ରୟାସ ଜାରି ରଖିଥିବା ବ୍ୟକ୍ତିବିଶେଷ ବା ସଂସ୍ଥା ଗୁଡ଼ିକର କାର୍ଯ୍ୟ ଉପରେ ସମୀକ୍ଷା କରାଯାଇ ଏହି ଜାତୀୟ ଜଳ ପୁରସ୍କାର ପ୍ରଦାନ କରାଯାଇଥାଏ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ପ୍ରଧାନମନ୍ତ୍ରୀ-ବ୍ରିକ୍ସ ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ଆସନ୍ତାକାଲିଠାରୁ ଦୁଇ ଦିନ ଲାଗି ରୁଷ ଗସ୍ତ କରିବେ । କାଜାନ୍ ଠାରେ ବ୍ରାଜିଲ୍, ରୁଷ, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଷୋଡ଼ଶତମ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ । ସମ୍ମିଳନୀର ଚଳିତଥରର ବିଷୟବସ୍ତୁ ରହିଛି – “ବିଶ୍ୱ ବିକାଶ ଓ ନିରାପତ୍ତା ଲାଗି ବହୁପକ୍ଷୀୟବାଦର ସଶକ୍ତିକରଣ” । ବ୍ରିକ୍ସ ନେତୃବୃନ୍ଦଙ୍କୁ ବିଭିନ୍ନ ବୈଶ୍ୱିକ ସମସ୍ୟାର ସମାଧାନ ଲାଗି ସୁଚିନ୍ତିତ ମତ ବିନିମୟ କରିବା ଦିଗରେ ଏହି ସମ୍ମିଳନୀ ସହାୟକ ହେବ । ସେହିଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆପୋଷ ସହାୟତା ସହିତ ପୂର୍ବରୁ ବ୍ରିକ୍ସ ପକ୍ଷରୁ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ଗୁଡ଼ିକର

କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ମଧ୍ୟ ଏହି ବୈଠକରେ ସମୀକ୍ଷା କରାଯିବାର ସମ୍ଭାବନା ରହିଛି ।

ପ୍ରଧାନମନ୍ତ୍ରୀଙ୍କ ରୁଷ ଗସ୍ତ ସମ୍ପର୍କରେ ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି, ଏହି ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ନିମନ୍ତ୍ରଣ କ୍ରମେ ଆସନ୍ତାକାଲି କାଜାନ୍ ଅଭିମୁଖେ ଯାତ୍ରା କରିବେ । ଭାରତ ହେଉଛି ବ୍ରିକ୍ସର ପ୍ରତିଷ୍ଠାତା ସଦସ୍ୟ ଏବଂ ପ୍ରଥମରୁ ବ୍ରିକ୍ସର ଆଭିମୁଖ୍ୟକୁ ବିଶ୍ୱସ୍ତରରେ ବିଭିନ୍ନ କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟକାରି କରିବା ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି ବୋଲି ଶ୍ରୀ ମିଶ୍ରି କହିଛନ୍ତି । ସେ କହିଛନ୍ତି, ବିଶେଷ କରି ଅର୍ଥନୈତିକ ଅଭିବୃଦ୍ଧି, ନିରନ୍ତର ବିକାଶ ଏବଂ ବିଶ୍ୱସ୍ତରରେ ସୁ-ଶାସନ ପ୍ରଦାନ ଦିଗରେ ସଂସ୍କାର ଆଣିବା କ୍ଷେତ୍ରରେ ବ୍ରିକ୍ସ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ଏତଦ୍‌ବ୍ୟତୀତ ବିଭିନ୍ନ ବୈଶ୍ୱିକ ସମସ୍ୟାର ସମାଧାନ ଦିଗରେ ମଧ୍ୟ ବ୍ରିକ୍ସ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ସାବ୍ୟସ୍ତ ହୋଇଛି । ସେ କହିଛନ୍ତି, ଏହି ଦୁଇଦିନିଆ ସମ୍ମିଳନୀ, ଅର୍ଥନୈତିକ ସହଯୋଗ, ଶକ୍ତି ଏବଂ ଖାଦ୍ୟ ନିରାପତ୍ତା ସହଯୋଗକୁ ସଶକ୍ତ କରିବା ସହିତ ସ୍ୱାସ୍ଥ୍ୟ ଏବଂ ଯୁବବର୍ଗଙ୍କ ଜ୍ଞାନ ଆଦାନପ୍ରଦାନ ଦିଗରେ ମଧ୍ୟ ସହାୟକ ହେବ । ଦକ୍ଷିଣ ଆଫ୍ରିକାରେ ଗତବର୍ଷ ଅନୁଷ୍ଠିତ ଶିଖର ସମ୍ମିଳନୀରେ ଇଜିପ୍ଟ, ଇରାନ, ଇଥିଓପିଆ ଏବଂ

ସଂଯୁକ୍ତ ଆରବ ଏମିରେଟ୍ସ ସଦସ୍ୟ ଭାବେ ସାମିଲ ହେବା ପରେ ଏହା ହେଉଛି ବ୍ରିକ୍ସର ପ୍ରଥମ ବୈଠକ । ବର୍ତ୍ତମାନ ବ୍ରିକ୍ସର ସଦସ୍ୟ ସଂଖ୍ୟା ୯ରେ ପହଞ୍ଚିଛି । ବୈଦେଶିକ ସଚିବ କହିଛନ୍ତି, ଆସନ୍ତାକାଲି ଠାରୁ ଏହି ସମ୍ମିଳନୀ ଆରମ୍ଭ ହେଉଥିବା ବେଳେ ଆସନ୍ତା ବୁଧବାର ହେଉଛି ଏହି ସମ୍ମିଳନୀର ପ୍ରମୁଖ ଦିନ । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିଭିନ୍ନ ସଦସ୍ୟ ରାଷ୍ଟ୍ରର ନେତୃବୃନ୍ଦଙ୍କ ସହିତ ଦ୍ୱିପକ୍ଷିୟ ଆଲୋଚନା କରିବାର ସମ୍ଭାବନା ରହିଛି ବୋଲି ଶ୍ରୀ ମିଶ୍ରି ସୂଚନା ଦେଇଛନ୍ତି ।

ଏହି ନୂତନ ରାଷ୍ଟ୍ରଗୁଡ଼ିକୁ ମିଶାଇ ବ୍ରିକ୍ସର ସଦସ୍ୟ ସଂଖ୍ୟା ୯ରେ ପହଞ୍ଚିଛି । ବ୍ରିକ୍ସର ମୁଖ୍ୟ ବୈଠକ ବ୍ୟତୀତ ସେଠାରେ ବ୍ରିକ୍ସ ପ୍ଲସ୍ ବୈଠକର ଆୟୋଜନ ହୋଇଛି ।

## ମାଣ୍ଡବ୍ୟ-ଇ-ଶ୍ରମ

ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଆଜି ନୂଆଦିଲ୍ଲୀ ଠାରେ ଅଣ-ସଂଗଠିତ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ପୋର୍ଟାଲ୍ ଇ-ଶ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ମାଣ୍ଡବ୍ୟ ଏହି ପୋର୍ଟାଲ୍ ଲାଗି ଶ୍ରମିକମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଆଗ୍ରହ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ପ୍ରତ୍ୟେକ ଦିନ ପ୍ରାୟ ୬୦ରୁ ୯୦ ହଜାର ଶ୍ରମିକ ଏହି ପୋର୍ଟାଲ୍‌ରେ ଯୋଡ଼ି ହେଉଛନ୍ତି । ଅଣସଂଗଠିତ

ଶ୍ରମିକମାନଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାର ସୁଫଳ ଏହି ପୋର୍ଟାଲ୍ ମାଧ୍ୟମରେ ଯୋଗାଇ ଦିଆଯାଇପାରିବ । ତେଣୁ ଏହି ପୋର୍ଟାଲ୍‌ରେ ନିଜର ନାମ ପଞ୍ଜିକରଣ କରି ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇବା ଲାଗି ଡକ୍ଟର ମାଣ୍ଡବ୍ୟ ଅଣସଂଗଠିତ ଶ୍ରମିକମାନଙ୍କୁ ଆହ୍ୱାନ ଦେଇଛନ୍ତି ।

## ମନୋହର-ନମୋ ଟ୍ରେନ୍

ଭାରତର ପ୍ରଥମ ଆଞ୍ଚଳିକ ତ୍ୱରିତ ଟ୍ରେନ୍ ନମୋ ଭାରତର ଚଳାଚଳ ଆଜି ଏକବର୍ଷ ପୂର୍ଣ୍ଣ କରିଛି । ଏହି ଅବସରରେ କେନ୍ଦ୍ର ପୂର୍ତ୍ତ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ନମୋ ଭାରତ ଟ୍ରେନ୍ ଯୋଗେ ଦିଲ୍ଲୀ-ଗଜିଆବାଦ୍-ମିରଟ୍ ଆର୍.ଆର୍.ଟି.ଏସ୍. କରିଡ଼ର ପରିଦର୍ଶନ କରିଛନ୍ତି । ଏହି ପରିଦର୍ଶନ ସମୟରେ କେନ୍ଦ୍ର ମନ୍ତ୍ରୀ ମହିଳା ଟ୍ରେନ୍ ଅପେରେଟର ଓ ଯାତ୍ରୀଙ୍କ ସଙ୍ଗେ ଭାବବିନିମୟ କରିବା ସହିତ ନମୋ ଭାରତ ସେବା ସମ୍ପର୍କରେ ସେମାନଙ୍କର ଅନୁଭୂତି ପଚାରି ବୁଝିଥିଲେ ।

ନମୋ ଭାରତ ଟ୍ରେନ୍ ସେବାକୁ ପ୍ରଶଂସା କରି ଶ୍ରୀ ଲାଲ କହିଛନ୍ତି, ନମୋ ଭାରତ ଟ୍ରେନ୍ ଗାଜିଆବାଦ୍, ସାହିବାବାଦ୍ ଏବଂ ଏହାର ସଂଲଗ୍ନ ଅଞ୍ଚଳରେ ଗମନାଗମନ କ୍ଷେତ୍ରରେ ଅନେକ ରୂପାନ୍ତରିକରଣ କରିବାରେ ସହାୟକ ହୋଇଛି । ନମୋ ଭାରତ ଟ୍ରେନ୍ ଚଳାଚଳର ପ୍ରଥମ ବର୍ଷରେ ୪୦ଲକ୍ଷରୁ ଊର୍ଦ୍ଧ୍ୱ ଯାତ୍ରୀ ଏଥିରେ ଯାତ୍ରା କରିଛନ୍ତି । ଗତବର୍ଷ ଅକ୍ଟୋବର

୨୦ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଶୁଭାରମ୍ଭ କରିଥିଲେ ।

## ଭାରତ-ଚାଇନ୍

ପୂର୍ବ ଲଦାଖର ବାସ୍ତବ ନିୟନ୍ତ୍ରଣ ରେଖା ନିକଟରେ ପାଟ୍ରୋଲିଂ ବ୍ୟବସ୍ଥା ପ୍ରସଙ୍ଗରେ ଭାରତ ଓ ଚୀନ୍ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି । ଏ ସମ୍ପର୍କରେ ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି, ୨୦୨୦ ମସିହାରେ ସମ୍ପୃକ୍ତ ସ୍ଥଳରେ ଆରମ୍ଭ ହୋଇଥିବା ଉତ୍ତେଜନାକୁ ପ୍ରସମିତ କରିବା ଦିଗରେ ଏହି ରାଜିନାମା ସହାୟକ ହେବାର ସମ୍ଭାବନା ରହିଛି । ବିଭିନ୍ନ ସ୍ତରରେ ଦୁଇ ଦେଶ ମଧ୍ୟରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ପରେ ଏଭଳି ରାଜିନାମା ସ୍ୱାକ୍ଷରିତ ହୋଇଛି ବୋଲି ଶ୍ରୀ ମିଶ୍ରି କହିଛନ୍ତି ।

## ଓଡ଼ିଶା-ସାଇକ୍ଲୋନ୍

ଭୀଷଣ ସାମୁଦ୍ରିକ ଝଡ଼ **ଦାନା** ଆସନ୍ତା ୨୪ ତାରିଖ ରାତି କିମ୍ବା ୨୫ ତାରିଖ ସକାଳେ ପୁରୀ ଓ ସାଗରଦ୍ୱିପ ମଧ୍ୟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି । ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୨୦ କିଲୋମିଟର ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ

ସୂଚନା ଦିଆଯାଇଛି । ଦିଆଯାଇଥିବା ସୂଚନା ଅନୁଯାୟୀ  ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଇତିମଧ୍ୟରେ ଏକ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି ଓ ଏହା ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଆସନ୍ତାକାଲି ସକାଳ ସୁଦ୍ଧା ଅବପାତରେ ପରିଣତ ହେବ । ପରେ ଏହା ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ସାମୁଦ୍ରିକ ଝଡ଼ରେ ପରିଣତ ହେବ । ଏହାପରେ ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଗୁରୁବାର ରାତି କିମ୍ବା ଶୁକ୍ରବାର ସକାଳ ସୁଦ୍ଧା ଭୀଷଣ ସାମୁଦ୍ରିକ ଝଡ଼ରେ ପରିଣତ ହୋଇ **ଦାନା** ପୁରୀ ଓ ସାଗରଦ୍ୱିପ ମଧ୍ୟରେ ଉପକୂଳ ସ୍ପର୍ଶ କରିବ । ତେବେ ସମ୍ଭାବ୍ୟ ବାତ୍ୟାର ଗତିପଥ ଅନୁସରଣ କରାଯାଉଛି ଏବଂ ଆଜି ସୁଦ୍ଧା ଏହା ସ୍ପଷ୍ଟ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜଣାପଡ଼ିଛି । ଅନ୍ୟ ପକ୍ଷରେ ସାମୁଦ୍ରିକ ଝଡ଼ **ଦାନା** ପ୍ରଭାବରେ ଆସନ୍ତା ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକ ସମେତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି ।

ସମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ନିମନ୍ତେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସମୀକ୍ଷା କରି ବାତ୍ୟା ସ୍ଥଳ ଭାଗ ସ୍ପର୍ଶ କରିବା ସମୟରେ ଯେଭଳି କମ୍ କ୍ଷୟକ୍ଷତି ଘଟେ ତାହା ଉପରେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକର ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ସମ୍ଭାବ୍ୟ ବାତ୍ୟା ପରେ ରାସ୍ତା ସଫା କରିବା, ବିଦ୍ୟୁତ ଓ ଜଳଯୋଗାଣ ବ୍ୟବସ୍ଥାର ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନିତ୍ୱ କରିବା ପାଇଁ ଆଗୁଆ ପଦକ୍ଷେପ ନେବା ଲାଗି ପ୍ରସ୍ତୁତ ରହିବାକୁ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି । ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ସମ୍ଭାବ୍ୟ ବାତ୍ୟା ନେଇ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଜନସାଧାରଣ ଆଦୌ ଭୟଭୀତ ନ ହେବା ପାଇଁ ସେ ନିବେଦନ କରିଛନ୍ତି ।

ସୂଚନା ଅନୁଯାୟୀ, ସାମୁଦ୍ରିକ ଝଡ଼ **ଦାନା** ଓଡ଼ିଶା ଉପକୂଳରେ ସ୍ଥଳଭାଗ ସ୍ପର୍ଶ କରିବାର ସମ୍ଭାବନା ଥିବାରୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକର ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସ୍ଥାନାନ୍ତର ପାଇଁ ରାଜ୍ୟ ସରକାର ଇତିମଧ୍ୟରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ।

ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ ରଖାଯାଇଥିବା ବେଳେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରାଯାଇଛି । ସେହିଭଳି ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି । ଆସନ୍ତାକାଲି ସୁଦ୍ଧା ସମୁଦ୍ର ମଧ୍ୟରେ ଥିବା ମତ୍ସ୍ୟଜୀବୀଙ୍କୁ ଫେରିଆସିବାକୁ କୁହାଯାଇଛି ।